# ବାର୍ତ୍ତା

ଭୂକମ୍ପ ପ୍ରତିରୋଧୀ ଅଣଇଞ୍ଜିନିୟରିଂ ନିର୍ମାଣ: ମାର୍ଗ ଦର୍ଶିକାର ପ୍ରଥମ ସଂସ୍କରଣ ଆନ୍ତର୍ଜାତୀୟ ଭୂକମ୍ପ ଇଞ୍ଜିନିୟରିଂ ସଂଘ (IAEE) ଦ୍ୱାରା ୧୯୮୬ ମସିହାରେ ପ୍ରକାଶିତ ହୋଇଥିଲା, ଯାହା ୧୯୮୦ ମସିହାରେ ପ୍ରକାଶିତ ମୂଳ ଆଲେଖ୍ୟ Basic Concepts of Seismic Codes, Vol-1, Part (ii), Non-engineered Construction ର ସଂଶୋଧିତ ତଥା ବିସ୍ତୃତ ରୂପ । ଏହି ସଂଶୋଧନ ସମିତିର ସଦସ୍ୟମାନେ ଥିଲେ- ଆନନ୍ଦ ଏସ୍. ଆର୍ଯ୍ୟ (ଭାରତ), ଟେଡି ବୋଏନ୍ (ଇଣ୍ଡୋନେସିଆ), ଏ. ଆଇ. ମାର୍ଟିମିଆନୋଵ୍ (ଋଷିଆ), ଆର୍. ମେଲି (ମେକ୍ସିକୋ), ଚାର୍ଲସ୍ ସ୍କାଥୋର୍ନ (ୟୁ.ଏସ୍.ଏ), ଜୁଲିଓ ଏନ୍. ଵ୍ୱାର୍ଗସ୍ (ପେରୁ) ଓ ୟେ. ୟୋସିଆନ୍ (ଚୀନ୍) । ଆମ ସଙ୍ଗଠନର ଉଦ୍ଦେଶ୍ୟାବଳୀ ଆମ୍ଭମାନଙ୍କୁ ଏହି ଉଦ୍ୟମ କରିବାରେ ମାର୍ଗଦର୍ଶୀ ହୋଇଥିଲା ଯାହା ଅନ୍ତର୍ରାଷ୍ଟ୍ରୀୟ କ୍ଷେତ୍ରରେ ଭୂକମ୍ପ ପ୍ରତିରୋଧୀ କୌଶଳ ଉପରେ କାର୍ଯ୍ୟରତ ବୈଜ୍ଞାନିକ, ଯନ୍ତ୍ରୀ ଓ ଅନ୍ୟାନ୍ୟ ବ୍ୟକ୍ତି ତଥା ସଂସ୍ଥା ମାନଙ୍କ ମଧ୍ୟରେ ଜ୍ଞାନ, ବିଚାର, ଅନୁସନ୍ଧାନ ଏବଂ ବ୍ୟାବହାରିକ ଅନୁଭବର ଆଦାନ କରିବା ପାଇଁ ପ୍ରୋତ୍ସାହିତ କରିବା ଅଟେ । ସାରା ବିଶ୍ୱରେ କମ୍ ଖର୍ଚ୍ଚରେ ନିର୍ମିତ ହୋଇପାରୁଥିବା ଗୃହ ଗୁଡିକର ଭୂକମ୍ପୀୟ ସୁରକ୍ଷାକୁ ଉଚିତ୍ କରିବା ପାଇଁ ଆମ ସଙ୍ଗଠନର କାର୍ଯ୍ୟ ଓ ଯୋଗଦାନକୁ ପ୍ରୋତ୍ସାହନ ମିଳୁଛି ।

ଏହି ପୁସ୍ତକର ପ୍ରାରମ୍ଭ, ଗୃହ ନିର୍ମାଣର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରିବାରୁ ହୋଇଛି ଯାହା ଉଚ୍ଚ ତୀବ୍ରତା ଯୁକ୍ତ ଭୂକମ୍ପରେ ଗୃହ ଗୁଡିକର ସୁରକ୍ଷା ତଥା ଏହିପରି ସୁରକ୍ଷା ପ୍ରଦାନ କରିବାକୁ ପ୍ରବର୍ତ୍ତାଉଥିବା କାରକ ଗୁଡିକର ମୂଳ ଜ୍ୟାମିତିକ ଏବଂ ଯାନ୍ତ୍ରୀକ ଗୁଣ ସହିତ ସମ୍ବନ୍ଧିତ । ଏହି ସୂଚନା ପରେ, ସରଳ ନିର୍ମାଣ ନିୟମ ଓ ସିଦ୍ଧାନ୍ତ ପ୍ରଦାନ କରାଯାଇଛି ଯାହାର ଉଦ୍ଦେଶ୍ୟ, ଭୂକମ୍ପୀୟ ଗତି ଦ୍ୱାରା ସଂରଚନାଟିରେ ହେଉଥିବା କ୍ଷତିକୁ ନିୟନ୍ତ୍ରୀତ କରିବା ତଥା ସେଗୁଡିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେବାରୁ ରକ୍ଷା କରିବା ଅଟେ । ଏଠାରେ ବିଶ୍ୱର ଭିନ୍ନ ଭିନ୍ନ ଦେଶରେ ପ୍ରସ୍ତୁତ ହୋଇପାରୁଥିବା କମ୍ ଖର୍ଚ୍ଚର ବିଭିନ୍ନ ପ୍ରକାରର ସଂରଚନାରେ ଲାଗୁ ହେଉଥିବା ସିଦ୍ଧାନ୍ତ ଓ ନିୟମ ଗୁଡିକୁ ପ୍ରାଧାନ୍ୟ ଦିଆଯାଇଛି ।

ଗୁଜୁରାଟର କଚ୍ଛରେ ୨୬ ଜାନୁଆରୀ ୨୦୦୧ ରେ ହୋଇଥିବା ଭୂମିକମ୍ପର ଠିକ୍ ପରେ ପରେ ଏହି ପୁସ୍ତିକାର ଇଲୋକ୍ଟ୍ରୋନିକ୍ ସଂସ୍କରଣ ରାଷ୍ଟ୍ରୀୟ ଭୂକମ୍ପ ଇଞ୍ଜିନିୟରିଂ ସୂଚନା କେନ୍ଦ୍ର (NICEE), ଭାରତୀୟ ପ୍ରଦୌଗିକ ସଂସ୍ଥାନ, କାନ୍‌ପୁରର ଵ୍ୱେବ୍‌ସାଇଟ୍ (www.nicee.org) ରେ ଉପଲବ୍ଧ କରାଯାଇଥିଲା । ଏହାର ଉତ୍ସାହଜନକ ପ୍ରତିକ୍ରିୟା ଯୋଗୁଁ ଏହାର ନୂତନ ମୁଦ୍ରଣର ଆବଶ୍ୟକତା ଅନୁଭୂତ ହେଲା ଯାହାର ଉଦ୍ଦେଶ୍ୟ ଏହିସବୁ ସୂଚନାକୁ ପ୍ରସାରିତ କରି ପୁନଃନିର୍ମାଣରେ ସହାୟତା କରିବା ଥିଲା । ଏହି ନୂତନ ପ୍ରୟାସକୁ ଡଃ. ସୁଧିର କୁମାର ଜୈନ୍ (ଭାରତୀୟ ପ୍ରଦୌଗିକ ସଂସ୍ଥାନ, କାନ୍‌ପୁର) Associated Cement Companies (ACC) ସହାୟତାରେ କ୍ରିୟାନ୍ୱିତ କରିଥିଲେ । ଏହାକୁ ପ୍ରକାଶିତ କରିବାର ଅନୁମତି IAEE କୁ ମଗାଯିବାରୁ ତାହାକୁ ତତ୍କାଳ ଅନୁମୋଦିତ କରାଗଲା ।

ଏହି ପୁସ୍ତିକାର ହିନ୍ଦି ଭାଷାନ୍ତର ଡଃ. ଜୈନ୍‌ଙ୍କ ନେତୃତ୍ୱରେ NICEE ଦ୍ୱାରା କରାଯାଇଛି, ଯାହା ପ୍ରଥମ ସଂସ୍କରଣର ମୁଖବନ୍ଧରେ ଡଃ ଆର୍ଯ୍ୟଙ୍କ ବାକ୍ୟଖଣ୍ଡ "ସ୍ଥାନୀୟ ପ୍ରଶାସନ, ସମିତି ଓ ଅନୁଷ୍ଠାନ ଆଦି ଏହି ସୂଚନା ଗୁଡିକୁ ଜନସାଧାରଣଙ୍କ ଦ୍ୱାରା ଶୀଘ୍ର ଆଦୃତ କରାଇବା ଉଦ୍ଦେଶ୍ୟରେ, ଉତ୍ସାହର ସହିତ ସ୍ଥାନୀୟ ତଥା ରାଷ୍ଟ୍ରୀୟ ଭାଷାରେ ଅନୁବାଦିତ କରିବା ପାଇଁ ପ୍ରୟାସ କରିବା ଉଚିତ୍ " ର ଅନୁରୂପ । IAEE ଉତ୍ସାହର ସହିତ NICEE ର ଏହି ପ୍ରସ୍ତାବକୁ ସମର୍ଥନ କରୁଛି ଏବଂ ଡଃ. ଜୈନ୍‌ଙ୍କ ଦ୍ୱାରା ଅଣଇଞ୍ଜିନିୟରିଂ ନିର୍ମାଣ ଗୁଡିକରେ ଭୂକମ୍ପୀୟ ସୁରକ୍ଷାର ଆବଶ୍ୟକିୟ ଜ୍ଞାନର ପ୍ରଚାର କରିବା ପାଇଁ ତାଙ୍କ ପ୍ରୟାସ ପ୍ରତି ଗଭୀର ସମ୍ମାନ ଜ୍ଞାପନ କରୁଛି । ଆମ୍ଭେ ଆଶାକରୁଯେ ତାଙ୍କୁ ଅନୁସରଣ କରାଯିବ, ତଥା ଏହି ପ୍ରକାରର ଯୋଜନା ବିଶ୍ୱର ଅନ୍ୟ ଭାଗରେ ମଧ୍ୟ ପ୍ରଣୟନ ହେବ ।

**ସୁନେଓ କାଟାୟାମା**
ମେ୨୦୦୭ — ଅଧ୍ୟକ୍ଷ, IAEE